# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

**18 June – 2026**

**********************************

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି
- ନୂଆଦିଲ୍ଲୀରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ଅଧୀନରେ ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ
- ବିଦ୍ୟାଳୟ ପାଠ୍ୟପୁସ୍ତକରେ ମୁଦ୍ରଣ ଜନିତ ତ୍ରୁଟିର ତଦନ୍ତ ପାଇଁ କମିଟି ଗଠିତ; ୭ ଦିନ ଭିତରେ ରିପୋର୍ଟ ଦେବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

ଏବଂ

- ଶୀତଳଷଷ୍ଠୀ ପାଇଁ ସମ୍ବଲପୁରରେ ବ୍ୟାପକ ପ୍ରସ୍ତୁତି; ଆଜି ଅନୁଷ୍ଠିତ ହେବ ଦେବ ଦମ୍ପତ୍ତିଙ୍କ ବିବାହ

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ସମୟରେ ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଗସ୍ତ କରିବା ସହ ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ–ଏମ୍ସ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏକ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ହିତାଧିକାରୀ ଓ ଡାକ୍ତରମାନଙ୍କ ସହ ଆଲୋଚନା କରିବେ।

ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲାର କୁସୁମି ବ୍ଲକ ଅନ୍ତର୍ଗତ ୧୧୩ଟି ଖଣି ପ୍ରଭାବିତ ଗ୍ରାମରେ ଏକ ବୃହତ ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏହାବ୍ୟତୀତ ହାଟବଦ୍ରାଠାରେ ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ମାତୃଶକ୍ତି ଭବନ, ଏକ ସ୍ୱତନ୍ତ୍ର ସର୍କିଟ ହାଉସ ଏବଂ ରାଇରଙ୍ଗପୁରରେ ନବନିର୍ମିତ ପୁଲିସ ଜିଲ୍ଲାର ଉଦ୍‌ଘାଟନ କରିବେ।

ଶନିବାର ଦିନ ରାଷ୍ଟ୍ରପତି ପାହାଡ଼ପୁର ଗସ୍ତ କରିବା ସହିତ ଗୋସାଣୀ ପୀଠ, ସାନ୍ତାଳି ଜାହେରା ଏବଂ ହୋ ଜାହେରାରେ ପ୍ରାର୍ଥନା କରିବେ। ସେ ଏକ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିବା ସହିତ ହିତାଧିକାରୀମାନଙ୍କ ସହ ଆଲୋଚନା କରିବେ। ସେହିପରି ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକ କାର୍ଯ୍ୟର ଅଗ୍ରଗତି ଉପରେ ମଧ୍ୟ ରାଷ୍ଟ୍ରପତି ସମୀକ୍ଷା କରିବେ। ପରଦିନ ରାଷ୍ଟ୍ରପତି’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଏକ ସାଧାରଣ କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ମିଳିତ ଭାବେ କେତେକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

GNR/PIB

## ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା–ପିଏମ୍–ଭିବିଆର୍‌ୱାଇ ଅଧୀନରେ ପ୍ରାୟ ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏହି ଅର୍ଥ ପ୍ରଦାନ କେନ୍ଦ୍ର ସରକାରଙ୍କ ପ୍ରମୁଖ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଦେଶବ୍ୟାପୀ ଅଦ୍ୟାବଧି ଏହି ଯୋଜନା ଅନ୍ତର୍ଗତ ୧୫ ଲକ୍ଷ ହିତାଧିକାରୀଙ୍କୁ ନିଯୁକ୍ତି ପାଇବାରେ ସହାୟତା ମିଳିପାରିଛି। ଯୋଜନାରେ କର୍ମକ୍ଷେତ୍ରରେ ପ୍ରବେଶ କରୁଥିବା ନୂତନ କର୍ମଚାରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିବ। ଗତ ବର୍ଷ ଅଗଷ୍ଟ ମାସ ପହିଲାରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ସମୁଦାୟ ୯୯ ହଜାର ୪୪୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଦୁଇ ବର୍ଷ ମଧ୍ୟରେ ୩ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ରୋଜଗାର ସୃଷ୍ଟିକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରହିଛି। ଯେଉଁଥିରେ କର୍ମକ୍ଷେତ୍ରରେ ନୂତନ ନିଯୁକ୍ତି ପାଇଥିବା ପ୍ରାୟ ୧ କୋଟି ୯୨ ଲକ୍ଷ ନୂତନ କର୍ମଚାରୀ ସାମିଲ ଅଛନ୍ତି।

# ଓଡ଼ିଶା ସାରା ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁରରେ ‘ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ୨ ବର୍ଷର ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଛନ୍ତି।

ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ରାଜ୍ୟ ସରକାରଙ୍କର ଦୁଇ ବର୍ଷ ପୂର୍ତ୍ତି ଅବସରରେ ‘ବିକାଶର ଧାରା, ଓଡ଼ିଶା ସାରା’ ଶୀର୍ଷକ ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଲକ୍ଷପତି ଦିଦି, ପିଏମ୍ ସୂର୍ଯ୍ୟଘର, ଭିତ୍ତିଭୂମି ବିକାଶ ଓ ରୋଜଗାର କ୍ଷେତ୍ରରେ ରାଜ୍ୟ ବିଶେଷ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ବୋଲି ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ ତଥା ବିକାଶମୂଳକ ପ୍ରକଳ୍ପର ସଫଳତା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକରେ ରାଜ୍ୟ କୃଷି ବିଭାଗର ଉପଲବ୍ଧି ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ଓ କୃଷକଙ୍କ ବିକାଶ ପାଇଁ ନିଆଯାଇଥିବା ଜନକଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା।

# ପାଠ୍ୟପୁସ୍ତକ ତ୍ରୁଟି

ରାଜ୍ୟର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ମୁଦ୍ରଣ ଜନିତ ତ୍ରୁଟିର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ କମିଟି ଗଠନ କରାଯାଇଛି। ଉନ୍ନୟନ କମିଶନ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ଏବଂ ସାଧାରଣ ପ୍ରଶାସନ ବିଭାଗର ଉପ ସଚିବ ସ୍ମିତା ପାଣି ସଦସ୍ୟ ରହିଛନ୍ତି। ଏହି କମିଟି ମୁଦ୍ରଣ ଜନିତ ତ୍ରୁଟିର ତଦନ୍ତ କରି ଏଥିପାଇଁ ଦାୟୀ ଅଧିକାରୀ ଏବଂ ସଂସ୍ଥା ବିଷୟରେ ଅନୁଧ୍ୟାନ କରିବା ସହ ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ସରକାରଙ୍କୁ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଘଟଣାକୁ ନେଇ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶିକା ମଧୁସ୍ମିତା ସାହୁ କହିଛନ୍ତି, ଆସନ୍ତା ବର୍ଷରୁ ଏହା ଉପରେ ଗୁରୁତ୍ୱ ଦିଆଯିବ। ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଶିକ୍ଷକମାନଙ୍କୁ ପୁସ୍ତକରେ ଥିବା ତ୍ରୁଟି ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୭-୨୮ ଶିକ୍ଷା ବର୍ଷରୁ ନୂଆ ବହିରେ ଏପରି ତ୍ରୁଟି ଆଉ ଦୃଷ୍ଟିଗୋଚର ହେବ ନାହିଁ ବୋଲି ଶ୍ରୀମତୀ ସାହୁ କହିଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ପାଠ୍ୟପୁସ୍ତକରେ ପରିଲକ୍ଷିତ ହୋଇଥିବା ତ୍ରୁଟିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।

Desk

## ସ୍କୁଲ ପାଠପଢ଼ା

ରାଜ୍ୟରେ ଗ୍ରୀଷ୍ମ ଛୁଟି ପରେ ଆଜିଠାରୁ ୨୨ଟି ଜିଲ୍ଲାରେ ବିଦ୍ୟାଳୟ ଖୋଲିଛି । ତେବେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ୮ଟି ଜିଲ୍ଲାରେ ଖରାଛୁଟି ଅବଧିକୁ ଶନିବାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ତାପମାତ୍ରା ୪୦ ଡିଗ୍ରୀ ପର୍ଯ୍ୟନ୍ତ ରହୁଥିବାରୁ ଖରାଛୁଟି ଅବଧିକୁ ସାମୟିକ ଭାବେ ବୃଦ୍ଧି କରାଯାଇଛି । ଏଥିସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ମଧ୍ୟ ବନ୍ଦ ରଖାଯିବା ନେଇ କେତେକ ଜିଲ୍ଲା ପ୍ରଶାନସ ପକ୍ଷରୁ ପଦକ୍ଷେପ ନିଆଯାଇଛି । ନୂଆପଡା ଜିଲ୍ଲାରେ ଆଜିଠାରୁ ୨୦ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ପାଠପଢ଼ା ହେବ।

Boudh

## ଓଡ଼ିଶା ଭର୍ଚୁଆଲ ଏକାଡେମୀ

ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଭର୍ଚୁଆଲ ଏକାଡେମୀର କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସଂସ୍କୃତି, ଲୋକକଳା ଓ ଗବେଷଣା ଆଦି କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହଭାଗିତା ସୁନିଶ୍ଚିତ କରିବା ନେଇ ଆଲୋଚନା ହୋଇଥିଲା।

Gajapati/Boudh

# ଯୋଗ ଦିବସ

ବୌଦ୍ଧ ଜିଲ୍ଲାରେ ଆନ୍ତର୍ଜାତିକ ଯୋଗଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଗ ଦିବସ ଅବସରରେ ଜିଲ୍ଲା ଷ୍ଟାଡିୟମ୍‌ରେ ଏକ ଯୋଗାଭ୍ୟାସ କାର୍ଯ୍ୟକ୍ରମ ପାଳନ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି।

ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳନ ଉପଲକ୍ଷେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଜୁନ୍ ୨୧ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳରେ ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯିବା ନେଇ ଆଲୋଚନା କରାଯାଇଛି। 'ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' ବାର୍ତ୍ତାକୁ ନେଇ କାର୍ଯ୍ୟକ୍ରମ ପାଳନ କରିବାକୁ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

Sambalpur

# ଶୀତଳଷଷ୍ଠୀ

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ସହର ଉତ୍ସବମୁଖର ହୋଇଉଠିଛି। ଦେବ ଦେବ ମହାଦେବ ଓ ଦେବୀ ପାର୍ବତୀଙ୍କ ବିବାହ ପାଇଁ ପ୍ରସ୍ତୁତି ଜାରି ରହିଛି। ଦେବୀ ପାର୍ବତୀ ଆଜି କନ୍ୟାଳୟକୁ ଆଗମନ କରିଛନ୍ତି। ଗତ ବର୍ଷ କନ୍ୟା ପିତାମାତାଙ୍କ ଗଇଁଣ୍ଠାଳ ଫିଟା ପରେ ଚଳିତ

ବର୍ଷ କନ୍ୟା ପିତାମାତା ମନ୍ଦିର ଯାଇ ଦେବୀ ପାର୍ବତୀଙ୍କୁ ଘରକୁ ଆଣିଛନ୍ତି। ନନ୍ଦପଡ଼ାର ବମ୍‌ବରାଡ଼ ବାବା ବାଲୁଙ୍କେଶ୍ୱର, ମୋଦିପଡ଼ାର ଜାଗେଶ୍ୱର ବାବା, ଝାଡୁଆପଡ଼ାର ଲୋକନାଥ ବାବା, ବୁଢ଼ାରାଜାର ପାହାଡ଼େଶ୍ୱର ବାବାଙ୍କ ସମେତ ସବୁଠି ପ୍ରସ୍ତୁତି ଶେଷ ହୋଇଛି। ରାତ୍ରି ଶୁଭଲଗ୍ନରେ ବରାନୁଗମନ ଓ ବିବାହ ଅନୁଷ୍ଠିତ ହେବ।

ଶୀତଳଷଷ୍ଠୀ ଅବସରରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଶୀତଳଷଷ୍ଠୀ ରାଜ୍ୟର କେବଳ ଏକ ପର୍ବ ନୁହେଁ ବରଂ ଏହା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ଗାରିମା ଓ ଭାବମୟ ପରିଚୟ। ଏହା ଆଧ୍ୟାତ୍ମିକ ଧର୍ମଧାରା ଓ ସଂସ୍କୃତିର ବିରଳ ସମାହାର ଅଟେ। ଶୀତଳଷଷ୍ଠୀ ପର୍ବରେ 'ଥାଳ ଉଠା', 'ପତର ପେଣ୍ଡି', 'ଗୁଆ ଗୁଣା', 'ବେଦ ନିମନ୍ତ୍ରଣ', 'ଦେବ ବିବାହ' ଏବଂ 'ନଗର ପରିକ୍ରମା' ଭଳି ପ୍ରତିଟି ପାରମ୍ପରିକ ନୀତିକାନ୍ତି ସମଗ୍ର ବିଶ୍ୱରେ ଏହି ପର୍ବକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ମା' ପାର୍ବତୀ ଓ ଦେବ ଦେବ ପ୍ରଭୁ ଶିବଙ୍କର ଏହି ବିବାହ ପଛରେ ସମଗ୍ର ଜଗତ କଲ୍ୟାଣର ଚେତନା ଉଜ୍ଜୀବିତ ହୋଇ ରହିଛି ବୋଲି ଶ୍ରୀ ପ୍ରଧାନ ଆଲୋକପାତ କରିଛନ୍ତି।

Desk

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ମୌସୁମୀର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅପରପକ୍ଷରେ, ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି। ଗତ ୨୪ ଘଣ୍ଟାରେ କନ୍ଧମାଳ ଜିଲ୍ଲାର ଦାରିଙ୍ଗ୍‌ବାଡ଼ିରେ ସର୍ବାଧିକ ୫୮ ମିଲିମିଟର ବର୍ଷା ହୋଇଥିବାର ରେକର୍ଡ କରାଯାଇଛି।